ଫ୍ରିକ ଇଣ୍ଡିଆ ଲିମିଟେଡ଼ ଏବଂ ଅନ୍ୟଜଣେ

ବନାମ

ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ

13 ମେ, 1994

[ଏମ. ଏନ. ଭେଙ୍କଟଚାଲିଆ, ମୁଖ୍ୟ ନ୍ୟାୟମୂର୍ତ୍ତି, ଏ. ଏମ. ଅହମ୍ମଦି, ଜେ.ଏସ. ବର୍ମା, ଜି. ଏନ. ରାୟ ଏବଂ ଏସ. ପି. ଭରୁଚା, ନ୍ୟାୟମୂର୍ତ୍ତିଗଣ]

*ହରିୟାଣା ସାଧାରଣ ବିକ୍ରୟକର ଅଧିନିୟମ, 1973/କେନ୍ଦ୍ରୀୟ ବିକ୍ରୟକର ଅଧିନିୟମ, 1956: ଧାରା 6, 25(5)- ତା 12.2.1986 ରିଖର ବିଜ୍ଞପ୍ତି- କ୍ରୟକର- ମିଳିଥିବା ବକେୟା ଅତିରିକ୍ତ ରାଶି ଉପରେ ସୁଧ ଧାର୍ଯ୍ୟ- କୁହାଗଲା: କରଦାତାଙ୍କ ଠାରୁ ସଂଗ୍ରହ କରାଯାଇଥିବା ସୁଧ ରାଶି ବାର୍ଷିକ 12 ପ୍ରତିଶତ ହାରରେ ଫେରସ୍ତ କରାଯିବ ।*

**ଆବେଦନକାରୀମାନେ ହରିୟାଣା ସାଧାରଣ ବିକ୍ରୟକର ଅଧିନିୟମ, 1973 ଅଧୀନରେ କ୍ରୟକର ଉପରେ ସୁଧ ଧାର୍ଯ୍ୟକୁ ଆପତ୍ତି କରି ରିଟ ଆବେଦନ ଦାଖଲ କରିଥିଲେ ।**

**ଜେ. କେ. ସିନ୍ଥେଟିକ୍ସ ମାମଲା*ର ନିର୍ଣ୍ଣୟକୁ ଦୃଷ୍ଟିରେ ରଖି ରିଟ୍ ଆବେଦନକୁ ମଞ୍ଜୁରୀ ଦେଇ, ଏହି ନ୍ୟାୟାଳୟ**

**କହିଲେ: ହରିୟାଣା ସାଧାରଣ ବିକ୍ରୟକର ଅଧିନିୟମ, 1973 ତଥା କେନ୍ଦ୍ରୀୟ ବିକ୍ରୟକର ଅଧିନିୟମ, 1956 ଅଧୀନରେ ଆବେଦନକାରୀଙ୍କ ଠାରୁ ଆଦାୟ କରାଯାଇଥିବା ଧାର୍ଯ୍ୟ ସୁଧକୁ ଆବେଦନକାରୀଙ୍କୁ ବାର୍ଷିକ 12 ପ୍ରତିଶତ ହାରରେ ପ୍ରକୃତ ଆଦାୟ ତାରିଖ ଠାରୁ ଫେରସ୍ତ ପର୍ଯ୍ୟନ୍ତ ଫେରସ୍ତ କରାଯିବ ।**

**ଜେ. କେ. ସିନ୍ଥେଟିକ୍ସ ଲିମିଟେଡ଼ ବନାମ ବାଣିଜ୍ୟକର ଅଧିକାରୀ,* [1994] 4 ଏସସିସି 277, ପ୍ରଯୋଜ୍ୟ କରାଯାଇଛି ।

ଦେୱାନୀ ମୂଳ ଅଧିକାରିତା: ରିଟ୍ ଆବେଦନ (ସି) ସଂଖ୍ୟା 1235/1986 ।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅଧୀନରେ ।

ଜେ. ବି. ଡି. ଆଣ୍ଡ. କୋ. ପାଇଁ ହରିଶ ଏନ୍. ସାଲଭେ ଅଶୋକ ସେନ୍, ରବିନ୍ଦର ନାରାୟଣ, ସୁଶ୍ରୀ ଅମୃତା ମିତ୍ର, ଡି. ଏନ୍. ମିଶ୍ର, ଖୈତାନ୍ ଆଣ୍ଡ. କୋ. ପାଇଁ ସୁଶ୍ରୀ ମୀନାକ୍ଷୀ ଗ୍ରୋଭର, ସୁଶ୍ରୀ ପୁନମ୍ ମଦନ, କୃଷ୍ଣ କୁମାର, ଭାସ୍କର ରାଜ ପ୍ରଧାନ, ଏ. ପି. ଧମିଜା, ଏସ୍. ଆତ୍ରେୟା, ଏନ୍. ଡି. ବି. ରାଜୁ, ଏସ୍. କେ. ଜୈନ, ସୁଶ୍ରୀ ନିଶା ବାଗ୍ଚି, ସୁଶ୍ରୀ ଆୟେଶା ଖତ୍ରୀ, ସୁଶ୍ରୀ ଇନ୍ଦୁ ମାଲହୋତ୍ରା, ସୁଶ୍ରୀ କୁସୁମ ଚୌଧୁରୀ ଏବଂ ଅରୁଣେଶ୍ୱର ଗୁପ୍ତା ପ୍ରଭୃତି ଉପସ୍ଥିତ ଥିବା ପକ୍ଷମାନଙ୍କ ପକ୍ଷରୁ ଥିଲେ ।

ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ,

*ଅହମ୍ମଦି, ନ୍ୟାୟମୂର୍ତ୍ତି । ଜେ. କେ. ସିନ୍ଥେଟିକ୍ସ ଲିମିଟେଡ଼* ବନାମ *ବାଣିଜ୍ୟକର ଅଧିକାରୀ* (ଦେୱାନୀ ଆବେଦନ ସଂଖ୍ୟା 3414-16/82, ମେ 9, 1994 ରେ ନିର୍ଣ୍ଣିତ) ମାମଲାରେ ସାମ୍ବିଧାନିକ ବିଚାରପୀଠ ଦ୍ୱାରା ଦିଆଯାଇଥିବା ନିର୍ଣ୍ଣୟ ଦୃଷ୍ଟିରେ, ଯେହେତୁ ହରିୟାଣା ସାଧାରଣ ବିକ୍ରୟକର ଅଧିନିୟମର ପ୍ରାସଙ୍ଗିକ ବ୍ୟବସ୍ଥା ରାଜସ୍ଥାନ ବିକ୍ରୟକର ଅଧିନିୟମର

ବ୍ୟବସ୍ଥାର ଅନୁରୂପ ଅଟେ, ଏହି ଆବେଦନ ମଧ୍ୟ ସଫଳ ହେବା ଆବଶ୍ୟକ । ତେଣୁ ଆମ୍ଭେ ଏହି ଆବେଦନକୁ ମଞ୍ଜୁର କରୁଛୁ ଏବଂ ନିର୍ଦ୍ଦେଶ ଦେଉଛୁ ଯେ ହରିୟାଣା ସାଧାରଣ ବିକ୍ରୟକର ଅଧିନିୟମ ତଥା କେନ୍ଦ୍ରୀୟ ବିକ୍ରୟକର ଅଧିନିୟମ ଅଧୀନରେ ଆବେଦନକାରୀଙ୍କ ଉପରେ ଧାର୍ଯ୍ୟ କରାଯାଇଥିବା ଏବଂ ଆଦାୟ କରାଯାଇଥିବା ସୁଧ ରାଶି ଆବେଦନକାରୀଙ୍କୁ ଆଜିଠାରୁ ତିନି ମାସ ଭିତରେ ବାର୍ଷିକ 12 ପ୍ରତିଶତ ହାରରେ ଫେରସ୍ତ କରାଯିବ । ତେବେ ମାମଲାର ତଥ୍ୟ ଏବଂ ପରିସ୍ଥିତିରେ ଖର୍ଚ୍ଚ ବିଷୟରେ କୌଣସି ଆଦେଶ ରହିବ ନାହିଁ । ସିଏମପି ମଧ୍ୟ ସମାପ୍ତ ହେବ ।

ଆର. ପି.

ଆବେଦନକୁ ମଞ୍ଜୁରୀ ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**